ଚନ୍ଦ୍ରଲୋକକୁ ଯାତ୍ରା

ଡଃ କୁଳମଣି ସାମଲ



ବିଦ୍ୟାପୁରୀ

Digitized by srujanika@gmail.com

ଚନ୍ଦ୍ରଲୋକକୁ ଯାତ୍ରା

ଡକ୍ଟର କୁଳମଣି ସାମଲ

ନୂତନ ସଂସ୍କରଣ ୧୯୯୭
ପୁନର୍ମୁଦ୍ରଣ ୨୦୦୧

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଚିତ୍ରଶିଳ୍ପୀ
ସୁନାମଣି ସାମଲ

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ମୁଦ୍ରଣ
ରେନ୍‌ବୋ ଅଫ୍‌ସେଟ୍ ପ୍ରାଇଭେଟ୍ ଲିମିଟେଡ୍
ଭୁବନେଶ୍ୱର

ମୂଲ୍ୟ ଟ ୧୫.୦୦

Digitized by srujan ka@gmail.com

ଆଈମା କାହାଣୀ

ସେଦିନ କୁଆଁରୀ ପର୍ବ । ଗାଁ ଝିଅମାନେ ମନଖୁସିରେ ଧାଁଧପଡ଼ କରୁଥାନ୍ତି । କିଏ ଫୁଲ ତୋଳୁଥାଏ ତ କିଏ ଚଉରାମୂଳ ଲିପାପୋଛା କଲାଣି । ସଂଜକୁ ଚାନ୍ଦପୂଜା, ଗୀତବୋଲା, ନାଚକୁଦ କେତେ କ'ଣ ମଉଜ ହେବ । କୁନି କୁନି ପିଲାମାନେ ଭାରି ଖୁସି । ସକାଳୁ ସକାଳୁ ଯାଇ ଆଈମା ପାଖେ ଅଳି କରି ଆସିଲେଣି । "ଆଈମା, ଆଜି ବଢ଼ିଆ ଗପ କହିବ ।" ବୁଢ଼ୀ ମୁଣ୍ଡ ହଲେଇ ହଁ କଲା । ବୁଢ଼ୀକୁ ଶଏ ପାଖାପାଖି ହେଲାଣି, ଚମ ଧକୁଡ଼ି ପଡ଼ିଲାଣି, ବାଳ ପାଚି ଝୋଟ, ଅଣ୍ଟା ନଇଁଲାଣି, ବାଡ଼ି ଖଣ୍ଡି ଯାହା ଆଶ୍ରା । ସବୁ ଦାନ୍ତ ପଡ଼ିଲାଣି, ପାକୁଆ ପାଟିରେ କଥା କହିଲେ ଲାଳ ବୋହି ପଡୁଛି । ତଥାପି ସଂଜ ହେଲେ ପାକୋଇ ଆଈମା ପାଖରେ ନାତିନାତୁଣୀଙ୍କ ଅଳି – ଗପ ଶୁଣିବେ । ବୁଢ଼ୀ ବା କି ଗପ କହିବ ? ସେଇ ପୁରୁଣା କଥାକୁ ଦୋହରାଏ, ସେଥିରେ କି ମଜା ଥାଏ କେଜାଣି ସଂଜବେଳକୁ ବୁଢ଼ୀ ପାଖେ ସମସ୍ତେ ହାଜର । ସେଦିନ ପୁଣି କୁଆଁର ପୁନେଇଁ ଉତ୍ସବ । ସକାଳୁ ଉଠି ବୁଢ଼ୀ ଆଖି ମଳିଲା ବେଳକୁ ନାକକାନ୍ଦୁରୀ ମିକି ଆସି କହିଗଲାଣି – ଆଈମା, ଆଜି ଆମକୁ ଗୋଟିଏ ଲମ୍ବା ଗପ କହିବୁ ।

ସଂଜ ହେଲା, ସବୁ ଚଉରା ମୂଳେ ଚାନ୍ଦପୂଜା ଆରମ୍ଭ ହୋଇଗଲା । ହୁଳହୁଳିରେ ଗାଁ ସାରା ଉଛୁଳି ପଡୁଥାଏ । ତାରାମାନେ ଗୋଟିକ ପରେ ଗୋଟିଏ ଆଖିମିଟିକା ମାରି ଆକାଶରେ ଛାଇ ହୋଇଗଲେ । ଜହ୍ନ ଆଜି ଖୁବ୍

Digitized by srujanika@gmail.com

ତଳୁ ଉଠୁଛି । ଆମ୍ବତୋଟା ଆଢୁଆଳରୁ ଉଙ୍କିମାରି ଉଇଁ ଆସିଲା ବେଳକୁ ଚାରିଆଡ଼ ଝଲମଲ ହୋଇଗଲା । ସେଇ ରୁପା ଥାଳିଆ ପରି ଗୋଲିଆ ତୋଫା ଜହ୍ନକୁ ଅନେଇ ଆଈମା ପାଟିକରି ଉଠିଲା – କୁଆଡ଼େ ଗଲରେ ମିକି, ମୁନା, ମୁନୀ ? ଦେଖିବ ଆସ । ଜହ୍ନମାମୁ ଆଜି ପୂଜା ପାଇବ ବୋଲି କିପରି ସଜବାଜ ହୋଇ ଆସିଛି । ତା'ପରେ ଆଈମା ଆରମ୍ଭ କଲା ତାହାର ପୁରୁଣା କାହାଣୀ – ଜହ୍ନ କିପରି ଜନ୍ମ ହେଲା ।

ଜହ୍ନମାମୁର ଜନ୍ମ

ଦିନେ ଚନ୍ଦ୍ର ନ ଥିଲା କି ସୂର୍ଯ୍ୟ ନ ଥିଲା, ଚାରିଆଡ଼ ଖାଲି କିଟି କିଟି ଅନ୍ଧାର ହୋଇଥିଲା । ମଣିଷ ବା ରହିବେ କେମିତି ? ଥିଲେ କେବଳ ଦେବତା ଓ ଅସୁର । ତାଙ୍କ ଭିତରେ ସବୁବେଳେ ଝଗଡ଼ା ଲାଗୁଥାଏ । ଦିନେ ସେମାନଙ୍କୁ ଗୋଟିଏ ଭଲ ବୁଦ୍ଧି ଦିଶିଲା । ସେମାନେ ଠିକ୍ କଲେ – ଆଉ କଳିକଜିଆ କରିବେ ନାହିଁ । କଳି କଲେ ଲାଭ ନାହିଁ, ଖାଲି ଯାହା କ୍ଷତି । ବଳ ବଅସ ସରିବ । ସେମାନେ ମିଳିମିଶି କି ଭଲ କାମ କରିବେ ଠିକ୍ କରିପାରିଲେ ନାହିଁ । ଜଣେ ବୁଢ଼ା ଅସୁର କହିଲା – ଦେବତାଙ୍କୁ ପଚାର, ସେମାନଙ୍କର ସେ ଭଲ କାମ କରିବାରେ ନାଁ ଅଛି । ସେମାନେ ବିଷ୍ଣୁଙ୍କ ପାଖକୁ ଗଲେ । ବିଷ୍ଣୁ ଦେବତାଙ୍କ ଭିତରେ ବୁଦ୍ଧିଆ । ବିଷ୍ଣୁ କହିଲେ – ହେଉ ହେଲା, ଭଲ କାମ କରିବାକୁ ଯେବେ ମନ ବଳାଇଲଣି, ତାହାହେଲେ ଶୁଣ । ଏହି ସମୁଦ୍ର ପେଟରେ ଅନେକ ଭଲ ଜିନିଷ ଅଛି । ତାକୁ ପରା ସେଥିପାଇଁ କହନ୍ତି ରତ୍ନଭଣ୍ଡାର 'ରତ୍ନାକର' । ତାକୁଇ

Digitized by srujan ka@gmail.com

ଘାଣ୍ଟ; ଦହି ମନ୍ଥିଲା ପରି ମନ୍ଥି ପକା; ତାହାହେଲେ ଯେତେ ଯାହା ଭଲ ଜିନିଷ ଥିବ ସେ ଦେଇ ପକାଇବ ।

ଭାଳେଣି ପଡ଼ିଲା — କଥାଟା ତ ଭଲ, କାମରେ ହେବ କିପରି ? ମନ୍ଥିବା ପାଇଁ ଖୁଆ ଦରକାର । ସାତତାଳ ସମୁଦ୍ର; ତାକୁ ମନ୍ଥିଲା ପରି ଖୁଆ ଆସିବ କେଉଁଠୁ ? ଖାଲି ଖୁଆ ହେଲେ ହେବନି; ତା ଚାରିପଟେ ଗୁଡ଼ାଇ ତାକୁ ଘୂରେଇବା ପାଇଁ ଲମ୍ବା ଓ ଶକ୍ତ ଦଉଡ଼ି ଦରକାର । ଭାବି ଭାବି ସେମାନେ ଖୁବ୍ ଉଚ୍ଚା ମନ୍ଦର ପର୍ବତକୁ ଖୁଆ ଓ ବାସୁକି ନାଗକୁ ଦଉଡ଼ି କରିବାକୁ ଠିକ୍ କଲେ ।

ଏବେ ସମୁଦ୍ର ମନ୍ଥନ ଆରମ୍ଭ ହେଲା

ମନ୍ଦର ପର୍ବତକୁ ଉପାଡ଼ି ଆଣି ସେମାନେ ସମୁଦ୍ରରେ ପକାଇଲେ । ତା ଚାରିକଡ଼େ ଦଉଡ଼ି ଗୁଡ଼ାଇଲେ । ମୁଣ୍ଡପାଖ ଧରିଲେ ଅସୁରମାନେ । ଲାଞ୍ଜପାଖ ଦେବତାଙ୍କର । ଘିରି ଘିରି ହୋଇ ଘୂରିଲା ମନ୍ଦର ପର୍ବତ । ବହୁଦିନ ଧରି ଦେବତା ଓ ଅସୁରଙ୍କର ସମୁଦ୍ର ମନ୍ଥନ ଚାଲିଲା । ଶେଷରେ ମିଳିତ କାର୍ଯ୍ୟ ସଫଳ ହେଲା । ଠିକ୍ ଦୁଧରୁ ଲହୁଣି ବାହାରିଲା ପରି ଭଲ ଜିନିଷମାନ ଉପରକୁ ଚାଲି ଆସିଲା । ଐରାବତ ହାତୀ, ଉଚ୍ଚୈଶ୍ରବା ଘୋଡ଼ା, ପାରିଜାତ ପୁଷ୍ପ, ଲକ୍ଷ୍ମୀ, ଚନ୍ଦ୍ର, ଅମୃତ, ଶେଷରେ ବିଷ । ସେହି ଉତ୍କଟ ବିଷରେ ଚାରିଆଡ଼ ବିଷାକ୍ତ ହୋଇ ଜଳିପୋଡ଼ି କଳା ପଡ଼ିବାକୁ ଲାଗିଲା ।

Digitized by srujan ka@gmail.com

ଦେବତା ଓ ଅସୁରଙ୍କ ସମୁଦ୍ର ମନ୍ଥନ

ବିଷର ଏ ପ୍ରକୋପ ଦେଖି ସମସ୍ତେ ଡରିଗଲେ । ସମସ୍ତେ ଧାଇଁଲେ ମହାଦେବଙ୍କ ପାଖକୁ; ପ୍ରତିକାର କରିବାକୁ ନିବେଦନ କଲେ । ମହାଦେବ ରାଜି

Digitized by srujan ka@gmail.com

ହୋଇ ସବୁ ବିଷ ପିଇଦେଲେ । ସେଇ ବିଷଜ୍ଵାଳାରେ ତାଙ୍କ କଣ୍ଠ ନେଳିଆ ପଡ଼ିଗଲା । ଯାହାହେଉ ସେ ବିଷତକ ହଜମ କଲେ । ଏ ସୃଷ୍ଟି ବଞ୍ଚିଗଲା । ଯେତେ ଭଲ ଜିନିଷ ବାହାରିଥିଲା ସବୁତକ ଦେବତାମାନେ ନେଇଗଲେ । ଅସୁରଙ୍କୁ ଭୁଲେଇ ଭାଲେଇ ଠକି ଦେଲେ । ଯେଉଁ ଚନ୍ଦ୍ର ବାହାରିଥିଲା ତାକୁ ଆକାଶରେ ଖଞ୍ଜି ଦେଲେ । ସେଇ ଚନ୍ଦ୍ର ଆମ ଆକାଶର ଜହ୍ନମାମୁ । ଧନରତ୍ନର ଠାକୁରାଣୀ ହେଲେ ଲକ୍ଷ୍ମୀ; ଆମ ସମସ୍ତଙ୍କର ମା; ଚନ୍ଦ୍ର ସମ୍ପର୍କରେ ତାଙ୍କ ଭାଇ; ଆମ ସମସ୍ତଙ୍କର ମାମୁ । କୁନା କହିଲା – ଆଈମା ଯାହା କହୁଛି ସବୁ ଠିକ୍; ମୁଁ, ବୋଉ, ମା, ବୁଢ଼ୀମା ଆମେ ସମସ୍ତେ ପରା ତାଙ୍କୁ ଡାକୁ ମାମୁ ।

ଚତୁର୍ଥ ଶ୍ରେଣୀରେ ପଢୁଛି ସୋମୁ । ମିକି, କୁନା ଓ ମୁନୀଠାରୁ ବଡ଼ । ଆଈମା ଠାରୁ ଟିକିଏ ଦୂରରେ ଖେଳୁଥିଲା, ଏଣେ କିନ୍ତୁ ଆଈମା କାହାଣୀକୁ କାନ ଡେରିଥିଲା । ସେ ବଡ଼ପାଟିରେ କହିଲା – ସବୁ ମିଛ, ସବୁ ମିଛ, ଆଈମା ତମକୁ ଭୁଲେଇ ଦେଉଛି । ମୁଁ ପରା ଆମ ସାର୍‌ଙ୍କଠାରୁ ଶୁଣିଛି ଲୋକେ ଯାଇ ଜହ୍ନମାମୁରେ ପହଞ୍ଚିଲେଣି ।

ସଙ୍ଗେ ସଙ୍ଗେ ଆଈମା କହିଲା – ପହଞ୍ଚନ୍ତୁ, କ'ଣ ହେଲା ? ପ୍ରଥମେ ଜହ୍ନମାମୁ କିପରି ଜନମ ହେଲା ମୁଁ ତ ସେ କଥା କହୁଛି । ଏତିକିବେଳେ ମିକି ପଚାରିଲା – ଆଈମା, ତୁ କ'ଣ ସମୁଦ୍ର ମନ୍ଥା ହେଲାବେଳେ ସେଠି ଥିଲୁ ? ଆଈମା କହିଲା – ନାହିଁ ଲୋ ବୋକୀ, ସବୁ କ'ଣ ଖାଲି ଦେଖିଲେ ସତ ହୁଏ ? ମୁଁ ଶୁଣିଛି ମୋ ଆଈମା ଠାରୁ । ସେ ଶୁଣିଥିଲା ତା ଆଈମା ଠାରୁ । ସେତେବେଳେ ତ କୋଉ ଆଈମା ହେଲେ ଥିବ । ନ ହେଲେ ଏ ଗପ ବାହାରିଲା କିପରି ? ପୁଣି ଆଈମା ଆରମ୍ଭ କଲା –

Digitized by srujan ka@gmail.com

ରାହୁ ଓ କେତୁ

"ହଁ, ତମକୁ କହିବାକୁ ଭୁଲିଗଲି । ସେଇ ଯେଉଁ ଅମୃତ ବାହାରିଥିଲା ନା ତାକୁ ନେବାକୁ ଦେବତା ଓ ଅସୁରମାନେ କଳି କଲେ । ବିଷ୍ଣୁ ତ ବଡ଼ ଚାଲାକ୍,

ମୋହିନୀ ବେଶରେ ଅମୃତ ବଣ୍ଟନ

Digitized by srujan ka@gmail.com

ସେ ନିଜକୁ ଗୋଟିଏ ସୁନ୍ଦରୀ ସ୍ତ୍ରୀ ବେଶରେ ସଜେଇ ହୋଇ ସେଠି ପହଞ୍ଚିଲେ । କହିଲେ – "କଳି କାହିଁକି କରୁଛ ? ଅମୃତ ହାଣ୍ଡି ଦିଅ; ମୁଁ ତମକୁ ବାଣ୍ଟି ଦେବି ।" ତାଙ୍କ କଥା ମାନି ସମସ୍ତେ ଧାଡ଼ି ହୋଇ ବସିଲେ । ଦେବତାଙ୍କ ସାଙ୍ଗରେ ଲୁଚି ଦେବତାଙ୍କ ବେଶରେ ସଜେଇ ହୋଇ ରାହୁ ବୋଲି ଗୋଟିଏ ଅସୁର ବସିଗଲା । ବିଷ୍ଣୁ ତ ଅମୃତ ପ୍ରଥମେ ଦେବତାଙ୍କ ଆଡୁ ଆରମ୍ଭ କଲେ । ରାହୁ ପାଖରେ ଯେମିତି ଅମୃତ ମେଞ୍ଚାଏ ପକାଇ ଦେଇଛନ୍ତି ସେମିତି ଚନ୍ଦ୍ର ଓ ସୂର୍ଯ୍ୟ ପାଟିକରି ଉଠିଲେ । ସେମାନେ ଆକାଶରେ ଥିଲେ । କହିଲେ – ଭୁଲ୍ ହୋଇଗଲା, ଭୁଲ୍ ହୋଇଗଲା । ସଙ୍ଗେ ସଙ୍ଗେ ବିଷ୍ଣୁ ତାଙ୍କ ସୁଦର୍ଶନ ଚକ୍ର ପଠାଇ ରାହୁ ମୁଣ୍ଡ କାଟି ପକାଇଲେ ।

ଅମୃତ ରାହୁର ତଣ୍ଟିଯାଏ ଯାଇଥିଲା । ତା ମୁଣ୍ଡ କଟିଲେ ମଧ୍ୟ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ବଞ୍ଚିଗଲା । ସେଗୁଡ଼ିକ ରାହୁ ଓ କେତୁ ହୋଇ ଚନ୍ଦ୍ର ସୂର୍ଯ୍ୟକୁ ଗ୍ରାସ କରିବାକୁ ଗୋଡ଼ାଉଛନ୍ତି । ଆଜି କୁଆଁରୀ ଉତ୍ସବ । କାଲି ପୂନେଇଁ । ଚନ୍ଦ୍ରଗ୍ରହଣ ହେବ । କାଲି ଚନ୍ଦ୍ରକୁ ରାହୁ ଗ୍ରାସ କରିବ । ପୂନେଇଁର ଗୋଲିଆ ଚାନ୍ଦ ଆଉ ଗୋଲ ହୋଇ ରହିବ ନାହିଁ, ଖଣ୍ଡିଆ ଦିଶିବ । ଚନ୍ଦ୍ର ଏକ ଦେବତା । ତାଙ୍କୁ ଏତେବଡ଼ ବିପତ୍ତି ପଡ଼ିବ । ଆମେ ଖାଇପିଇ ହାକୁଟି ମାରିବା କିପରି ? ଏପରି ଠାକୁରେ ଆମକୁ ସହିବେ ? ରୋଗ ବେମାରିରେ ଆମେ ଘାଣ୍ଟି ହେବୁ । ତେଣୁ ପାଞ୍ଜି ଓ ଖବରକାଗଜରେ କେତେବେଳେ ହାଣ୍ଡି ଛାଡ଼ିବାକୁ ହେବ ଘୋଷଣା ହୋଇଛି । କିରେ ସୋମୁ, ଏସବୁ କ'ଣ ମିଛ ? କାଲି ଆଖିରେ ଦେଖିବୁ କିପରି ଚନ୍ଦ୍ରକୁ ରାହୁ ଗ୍ରାସି ଖଣ୍ଡିଆ କରିବ ।

Digitized by srujan ka@gmail.com

ଛାଇ ପାଇଁ ଛାନିଆଁ

ସୋମୁ ପାଟିକରି କହିଲା ସେସବୁ ମିଛ ଆଈମା, କାଲି ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ଧାଡ଼ି ହୋଇ ରହିବେ । ଚନ୍ଦ୍ର ଓ ସୂର୍ଯ୍ୟ ଦୁଇ ମୁଣ୍ଡରେ ରହିବେ, ପୃଥିବୀ ତାଙ୍କ ମଝିରେ ରହିବ । ସୂର୍ଯ୍ୟଠାରୁ ଆଲୁଅ ଆସି ଚନ୍ଦ୍ରରେ ପଡ଼େ । ଚନ୍ଦ୍ରର ଆଲୁଅ ପ୍ରତିଫଳିତ ହୁଏ, ଠିକ୍ ଯେପରି ଦର୍ପଣ କିମ୍ବା ଗିନାଏ ପାଣିରେ ଖରା ପଡ଼ି ପ୍ରତିଫଳନ ହେତୁ କାନ୍ଥକୁ ଫେରିଆସେ । ଚନ୍ଦ୍ରର ସେହି ପ୍ରତିଫଳିତ ଆଲୁଅକୁ ଆମେ କହୁ ଜହ୍ନ ଆଲୁଅ ବା ଚନ୍ଦ୍ର କିରଣ । ପୂନେଇଁ ରାତିରେ ପୂରା ଚନ୍ଦ୍ରଟି ସୂର୍ଯ୍ୟ ଆଲୁଅରେ ଝକ୍ ଝକ୍ ଦିଶେ । ଯଦି ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ପୃଥିବୀ ରହିଯାଏ, ପୃଥିବୀ ଆଢୁଆଳ କରେ । ଚନ୍ଦ୍ର ଉପରେ ପୃଥିବୀର ଛାଇ ପଡ଼ିଯାଏ । ଚନ୍ଦ୍ରର କିଛି ଅଂଶ ଆମେ ଦେଖିପାରୁ ନ ଥିବାରୁ ତାହା ଖଣ୍ଡିଆ ହୋଇ ଦିଶେ । ତାକୁ ଆମେ କହୁ ଚନ୍ଦ୍ରଗ୍ରହଣ ।



ଚନ୍ଦ୍ରଗ୍ରହଣ (ପୂର୍ଣ୍ଣମୀ)

Digitized by srujan ka@gmail.com

ସେମିତି ଚନ୍ଦ୍ର ଯଦି ସୂର୍ଯ୍ୟ ଓ ପୃଥିବୀ ମଝିରେ ରହେ ଓ ଚନ୍ଦ୍ରର ଛାଇ ପୃଥିବୀରେ ପଡ଼େ ସେ ଅଞ୍ଚଳର ଲୋକେ ସୂର୍ଯ୍ୟର କିଛି ଅଂଶ କିମ୍ବା ପୂରା ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ । କୌଣସି ଅମାବାସ୍ୟାରେ ଏହା ଘଟିଥାଏ । ଏହାକୁ କହନ୍ତି ସୂର୍ଯ୍ୟୋପରାଗ ।



ସୂର୍ଯ୍ୟୋପରାଗ

କେତେକ ପୂନେଇଁରେ ପୂରା ଚାନ୍ଦ କିଛି ସମୟ ପାଇଁ ଦେଖାଯାଏ ନାହିଁ । ସେତେବେଳେ କହନ୍ତି ପୂରା ଚନ୍ଦ୍ରଗ୍ରହଣ ହୋଇଛି । ଏହି ଛାଇ ପଡ଼ିବା କଥା ନ ଜାଣି ଗ୍ରହଣ ବେଳେ ଲୋକେ ଆହା ଚୁ ଚୁ ହୁଅନ୍ତି । ଚନ୍ଦ୍ରକୁ ଦୁଃଖ ପଡ଼ିଛି ବୋଲି ରୋଷେଇ କରନ୍ତି ନାହିଁ । ଉପାସ କରନ୍ତି । ଗ୍ରହଣ ଛାଡ଼ିଲା ପରେ ଗାଧୋଇ ପାଧୋଇ ଠାକୁର ପୂଜା କରନ୍ତି ।

ସୋମୁ କହିଲା – "ସାର୍ ଦିନେ ଆମ ସ୍କୁଲରେ ଲୋକେ କିପରି ଚନ୍ଦ୍ରକୁ ଗଲେ କହୁଥିଲେ । ଶୁଣିବାକୁ ଭାରି ମଜା ଲାଗିଲା ।" ସେତିକିବେଳେ ମୁନୀ ପାଟିକରି ଉଠିଲା – "ତୁ କହୁନୁ ।" "ମୋର ସବୁ ମନେ ନାହିଁ, କାଲି ମୁଁ

Digitized by srujan ka@gmail.com

ସାର୍‌ଙ୍କୁ ଆମ ଘରକୁ ଆସିବାକୁ କହିବି । ସେ ଯଦି ଆସନ୍ତି ତମେ ସବୁ ପଚାରିବ ।'' ସୋମୁ କହିଲା ।

ତା ପରଦିନ ବାପା ଡାକୁଛନ୍ତି କହି ସୋମୁ ତା ସାର୍‌ଙ୍କୁ ଡାକି ଆଣିଲା । ସାର୍ ଘରେ ପହଞ୍ଚିଲା କ୍ଷଣି ପିଲାମାନେ ଘେରିଗଲେ ''ସାର୍ ଲୋକେ କିପରି ଚନ୍ଦ୍ରକୁ ଗଲେ ଆମକୁ କହନ୍ତୁ ।'' ସାର୍ ପିଲାଙ୍କ ଅଳି ଭାଙ୍ଗିପାରିଲେ ନାହିଁ ।

ସାର୍ ପିଲାମାନଙ୍କୁ ଚନ୍ଦ୍ରକୁ ଯିବା ବିଷୟରେ ବୁଝାଉଛନ୍ତି

Digitized by srujan ka@gmail.com

କହିଲେ, ''ହେଉ, ବସ ବସ । ଚୁପ୍ ହୁଅ, ମୁଁ କହୁଛି ।'' ସେତେବେଳକୁ କୁନାବୋଉ କପେ ଚା' ଧରି ସାର୍‌ଙ୍କ ହାତକୁ ବଢ଼େଇ ଦେଲେ । ଉଷୁମ ଚା' ଢୋକେ ପାଟିକୁ ନେଇ ସାର୍ ଆରମ୍ଭ କଲେ –

ନିକଟ ହେଲେ ବି ଦୂର

ଜହ୍ନମାମୁ ଆମଠାରୁ ବହୁତ ଦୂରରେ ଅଛି । କାହିଁ କେତେ ଉଚ୍ଚରେ ! ଯାହା ଜଣାପଡ଼ିଛି ପ୍ରାୟ ୪ ଲକ୍ଷ କିଲୋମିଟର । ତମେ କଲିକତା ସହର ନାଁ ଶୁଣିଥିବ । ତାହା ଆମ ଘର ପାଖରୁ ପ୍ରାୟ ୪ ଶହ କିଲୋମିଟର । ଚନ୍ଦ୍ରର ଦୂରତା ଏହାର ପ୍ରାୟ ଏକହଜାର ଗୁଣ ଅଧିକ । ଆମ ରେଳଗାଡ଼ି କଲିକତାକୁ ଯିବାକୁ ପ୍ରାୟ ୮ ଘଣ୍ଟା ନିଏ । ସେଇ ରେଳଗାଡ଼ିରେ ଯଦି ଚନ୍ଦ୍ରକୁ ଯାଇ ହୁଅନ୍ତା ଆମକୁ ଲାଗନ୍ତା ବର୍ଷେ । ତମେ ଭାବୁଥିବ ଉଡ଼ାଜାହାଜରେ ଗଲେ ହୁଅନ୍ତା । ଉଡ଼ାଜାହାଜ ଖୁବ୍ ହେଲେ ୧୦ ବା ୧୨ ଗୁଣ ବେଗରେ ଯିବ । ସେଥିରେ ବି ମାସେ ସମୟ ଲାଗିବ । ତେଣୁ ଅନୁମାନ କର ଚନ୍ଦ୍ର ଆମଠାରୁ କେତେ ଦୂରରେ ! ଆକାଶରେ ସୂର୍ଯ୍ୟ ତାରା ଯାହାସବୁ ଦେଖୁଛ ସେମାନଙ୍କଠାରୁ ଚନ୍ଦ୍ର ଆମର ଅତି ନିକଟରେ । ସେଇ ଅତି ପାଖ ବାଟ ପୁଣି ଏତେ ଲମ୍ବା !

ସବୁ ତଳକୁ ପଡ଼େ

ସେଥିପାଇଁ ଚନ୍ଦ୍ରକୁ ଯିବା କଥା କେଇ ଚିନ୍ତା ବି କରୁ ନ ଥିଲେ । ତା'ର ଆହୁରି କାରଣ ଅଛି । ସବୁ ଜିନିଷ ତଳକୁ ପଡ଼େ । ତେଣୁ କେଉଁଠି କିଛି ରଖିବା ପାଇଁ ଆମେ କାନ୍ଥରେ ଥାକ ବା ଠଣା କରୁ । ବେଳେବେଳେ ଶିକାରେ

Digitized by srujan ka@gmail.com



ତାହାର ବେଗ କମି କମି ଯିବ; ତାହା ଉପରକୁ ନ ଉଠି ତଳକୁ ଖସିବ

ଝୁଲେଇ ରଖୁ । ମନେକର ଆମେ ଟେକାଟିଏ ଉପରକୁ ଫିଙ୍ଗିବା । ତାହା ପ୍ରଥମେ ଉପରକୁ ଉଠିବ । ତାହାର ବେଗ କମି କମି ଯିବ । ତା'ପରେ ତାହା ଆଉ ଉପରକୁ ନ ଉଠି ତଳକୁ ଖସିବ । ତାହାହେଲେ ଏସବୁ ଜିନିଷକୁ ତଳକୁ କିଏ ଟାଣେ ? ତଳେ ଅଛି ପୃଥିବୀ, ଉପରେ ଆକାଶ – ଶୂନ୍ୟ ଅଞ୍ଚଳ । କାହିଁ କେତେ ଦୂରରେ ତାରା ବା ସୂର୍ଯ୍ୟ ଅଛି । ତେଣୁ ସେମାନଙ୍କ ଅପେକ୍ଷା ଆମ ପୃଥିବୀ ଅଧିକ ବଳରେ ସବୁ ଜିନିଷକୁ ତା ଆଡ଼କୁ ଟାଣେ । ଗଛରେ ପତ୍ର ଶୁଖିଲେ, ଫଳ ପାଚିଲେ, ସେମିତି ଶୂନ୍ୟରେ ନ ରହି, ପୃଥିବୀ ଆଡ଼କୁ ଟାଣି ହୋଇ ଆସି ମାଟିରେ ପଡ଼େ ।

Digitized by srujan ka@gmail.com



ସାର୍ ଆଇଜାକ୍ ନିଉଟନ୍

ଆକର୍ଷଣ ବଳ

ଯେଉଁ ବୈଜ୍ଞାନିକ ପ୍ରଥମେ ଏହା ଜାଣି ଲୋକଙ୍କୁ ବୁଝାଇଦେଲେ ତାଙ୍କ ନାମ ସାର୍ ଆଇଜାକ୍ ନିଉଟନ୍ । ସେ ଆହୁରି ମଧ୍ୟ କହିଥିଲେ – ଯେ କୌଣସି ଦୁଇଟି ବସ୍ତୁ ମଧ୍ୟରେ ଏମିତି ଆକର୍ଷଣ ବଳ ଅଛି । ଚନ୍ଦ୍ର ଓ ପୃଥିବୀ ଭିତରେ ମଧ୍ୟ ଆକର୍ଷଣ ବଳ ଅଛି । ତମେ ଭାବୁଥିବ ତାହାହେଲେ ଚନ୍ଦ୍ର ଟାଣିହୋଇ ପୃଥିବୀରେ ବାଡ଼େଇ ହେଉ ନାହିଁ କାହିଁକି ? ସେହିପରି ପୃଥିବୀ ସୂର୍ଯ୍ୟଆଡ଼କୁ ଟାଣିହୋଇ ସୂର୍ଯ୍ୟରେ ପଡ଼ିଯାଉ ନାହିଁ କାହିଁକି ? ଶୂନ୍ୟରେ ସେମାନେ ସବୁ ନିଜ ନିଜ ଚାରିପଟେ ଘୂରୁଛନ୍ତି କିପରି ? ଏସବୁ ଭାରି ମଜା କଥା ।

Digitized by srujan ka@gmail.com

ବେଗରେ ଗତି କରୁଥିବା ବସ୍ତୁ ଆଉ ଗୋଟିଏ ବସ୍ତୁ ପାଖକୁ ଆସିଲେ ସେ ଦୂରକୁ ଚାଲି ନ ଯାଇ ତା ଚାରିପଟେ ଘୂରେ । କାରଣ ସେ ସଳଖ ବାଟରେ ଗତି କରିବାକୁ ଚାହୁଁଥିଲା ବେଳେ ଅନ୍ୟ ବସ୍ତୁଟି ତାକୁ ନିଜ ଆଡ଼କୁ ଟାଣେ । ସେ ତା ବାଟରୁ ବଙ୍କେଇ ଆସେ । ଏମିତି ସେ ବାହାରକୁ ଯିବାକୁ ଯେତେ ଚେଷ୍ଟା କରୁଥାଏ ଅନ୍ୟ ବସ୍ତୁଟି ତାକୁ ଝିଙ୍କି ବଙ୍କେଇ ଆଣେ । ଫଳରେ ସେ ବାହାରକୁ ନ ଯାଇ ଭିତର ବସ୍ତୁ ଚାରିପଟେ ଘୂରୁଥାଏ ।



ଆମ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି

ଗ୍ରହ ଓ ଉପଗ୍ରହ

ଆମ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି । ଚନ୍ଦ୍ର ପୃଥିବୀ ଚାରିପଟେ ଘୂରୁଛି । ପୃଥିବୀକୁ ସୂର୍ଯ୍ୟର ଗ୍ରହ କହନ୍ତି । ପୃଥିବୀ ଚାରିପଟେ ଚନ୍ଦ୍ର ଘୂରୁଥିବାରୁ ଚନ୍ଦ୍ର ପୃଥିବୀର ଉପଗ୍ରହ । କେବଳ ପୃଥିବୀ ନୁହେଁ ପୃଥିବୀ ପରି ଆହୁରି ଆଠଟି ଗ୍ରହ

Digitized by srujan ka@gmail.com



ସୌର ପରିବାର

ଓ ଗୁଡ଼ିଏ ଛୋଟ ଛୋଟ ଗ୍ରହ ଏକାଠି ହୋଇ (ଗ୍ରହାଣୁପୁଞ୍ଜ) ସୂର୍ଯ୍ୟ ଚାରିପଟେ ଘୂରୁଛନ୍ତି । ମହାକାଶରେ ସେମାନେ ସବୁ ଦୂରକୁ ଦୂରକୁ ସଜେଇ ହୋଇ ନିଜ ନିଜ ପଥରେ (କକ୍ଷରେ) ଘୂରୁଛନ୍ତି । କେହି କାହାଠାରେ ବାଡ଼େଇ ହେଉ ନାହିଁ । ଏହି ଗ୍ରହଗୁଡ଼ିକର ନାମ ହେଲା — ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନ୍‌ସ, ନେପ୍‌ଚୁନ୍ ଓ ପ୍ଲୁଟୋ । ଆହୁରି ଦଶମ ଗ୍ରହଟିଏ ଘୂରୁଛି ବୋଲି ଜଣାପଡ଼ିଲାଣି ।

Digitized by srujan ka@gmail.com

ଆକାଶ ଉଡ଼ା

କିପରି ଉପରକୁ ଉଠିହେବ, ଉପରେ ଯା'ଆସ କରିବ ସେ କଥା ମଣିଷ ଅନେକ ଦିନୁ ଭାବୁଥିଲା । କିନ୍ତୁ କାର୍ଯ୍ୟରେ ହେଉ ନ ଥିଲା । ମଣିଷର ନଜର ପଡ଼ିଲା ଚଢ଼େଇ ଉପରେ । ଟିକି ଚଢ଼େଇ ଟିକି ଟିକି ଡେଣାକୁ ହଲେଇ ଫୁର୍‌କରି ଉଡ଼ିଯାଏ । ଚଢ଼େଇର ଏ ସହଜ ଉଡ଼ାକୁ ମଣିଷ ଅନେକ ଦିନଯାଏ ଅନେଇ ରହିଲା । ଭାବିଲା — ଡେଣା ହଲେ ହେଲେ ସେ ବି ଉଡ଼ନ୍ତା । ସେ ଚଢ଼େଇ ଡେଣାପରି ଡେଣା ତିଆରି କରି ତା ବାହୁରେ ବାନ୍ଧିଲା । ଉଚ୍ଚା ଜାଗାକୁ ଚଢ଼ି ଡେଇଁଲା, ଡେଣା ହଲାଇଲା, ହେଲା ନାହିଁ । ତଳେ ପଡ଼ି ଗୋଡ଼ ହାତ ଭାଙ୍ଗିଲା । ଜଣେ ଦି'ଜଣ ମରିଗଲେ । ନିରାଶ ହେଲା । ଯେ ଯେପରି ହୋଇଛି, ସେ ସେପରି ରହିବ । ଚଢ଼େଇ ଆକାଶରେ ଉଡ଼ିବ । ମଣିଷ ପୃଥିବୀ ଉପରେ ଚାଲିବ, ଦୌଡ଼ିବ, ଯାନବାହନରେ ଯା'ଆସ କରିବ ।



କେତେକ ଭାବିଲେ ବେଲୁନ୍‌ରେ ଉପରକୁ ଉଠିବେ । ହେଲା ନାହିଁ । କାରଣ ବଡ଼ ବଡ଼ ବେଲୁନ୍‌ରେ ହାଲୁକା ଗ୍ୟାସ ପୂରେଇଲେ ସେ ଖୁବ୍

Digitized by srujan ka@gmail.com

ଜୋର୍‌ରେ ଉପରକୁ ନେଇଯିବ । ପାହାଡ଼ ଉପରେ, ଜଙ୍ଗଲ ଭିତରେ, ସମୁଦ୍ରରେ କେଉଁଠି ନା କେଉଁଠି ପଡ଼ି ମଣିଷ ଜୀବନ ହରେଇବ । ତା'ଛଡ଼ା ବେଲୁନ୍ ଆମକୁ ଉଡ଼ାଇ ମାତ୍ର କେତେ କିଲୋମିଟର ଉଚ୍ଚତାକୁ ନେବ ।

ଭଳିକି ଭଳି ଉଡ଼ାଜାହାଜ

ପରେ ପରେ ଉଡ଼ାଜାହାଜ ବାହାରିଲା । ଭଳିକି ଭଳି ଯାନ ତିଆରି ହେଲା । ହେଲେ ବି ସେଥିରେ ଚନ୍ଦ୍ରକୁ ଯିବା କଥା ଉଠୁନି । କାରଣ ଏହି ଯାନଗୁଡ଼ିକ ବାୟୁକୁ ଆଶ୍ରା କରି ଉଡୁଥିଲା, ଠିକ୍ ଚଢ଼େଇଟି ଯେପରି ଡେଣାରେ ଉଡ଼େ । ଅବଶ୍ୟ ଯାନରେ ଉଡ଼ିବା କୌଶଳ ଅଲଗା ଥିଲା । ପୃଥିବୀ ଉପରେ ବାୟୁ ଅଛି । ତାହା ପୃଥିବୀକୁ ଚାରିଆଡ଼େ ଘେରିଛି । ଯେଉଁ ଅଞ୍ଚଳରେ ବାୟୁ ରହିଛି ତାକୁ ପୃଥିବୀର ବାୟୁମଣ୍ଡଳ କହନ୍ତି । ଏହି ବାୟୁମଣ୍ଡଳ ପୃଥିବୀଠାରୁ ଖୁବ୍ ପତଳା ହୋଇ ଦୁଇ ଶହ କିଲୋମିଟର ଉଚ୍ଚକୁ ଲମ୍ବିଛି । ତା'ପରେ ପ୍ରାୟ ବାୟୁ ନାହିଁ । ତାହା ମହାଶୂନ୍ୟ । ଅତି ଥଣ୍ଡା । ସେଠି ବାହାର ବାୟୁର ଚାପ ନାହିଁ । ସେଠି ଯଦି କେହି ବେଲୁନଟିଏ ଛାଡ଼ିଦିଏ ଆଖି ପିଛୁଳାକେ ତା ଫୁଲିଉଠି ଫୋଟି ହୋଇଯିବ । ଏପରିକି ଆମ ମଣିଷ ଯଦି ସେଠିକି ଯାଏ ତା ଦେହ ବେଲୁନ୍



ଭଳିକି ଭଳି ଉଡ଼ାଜାହାଜ

Digitized by srujan ka@gmail.com

ପରି ଫୁଲିଉଠି ଫାଟିଯିବ । ରକ୍ତ ଥଣ୍ଡା ହୋଇ ଜମାଟ ବାନ୍ଧିବା ଆଗରୁ ରକ୍ତରେ ଥିବା ଜଳ ଅଂଶ ବାଷ୍ପ ହୋଇ ଶୂନ୍ୟରେ ମିଳେଇ ଯିବ । ଏହିପରି ମହାଶୂନ୍ୟରେ ଅନେକ ବିପଦ ।

ପ୍ରଥମ ମଣିଷ ତିଆରି ଚନ୍ଦ୍ର

ଏ ନେଇ କେହି ଚନ୍ଦ୍ରକୁ ଯାଇପାରି ନ ଥିଲେ । କିନ୍ତୁ କିପରି ଯାଇହେବ ସେହି କଥା ମଣିଷ ସବୁବେଳେ ଭାବି ହେଉଥାଏ । ସବୁ ଦେଶର ବୈଜ୍ଞାନିକମାନେ ପରୀକ୍ଷା କରୁଥାନ୍ତି । ପ୍ରଥମେ ରୁଷିଆର ପରୀକ୍ଷା ସଫଳ ହେଲା । ଠିକ୍ ଆଜିକୁ ଚଉରାଳିଶ ବର୍ଷ ତଳେ ୧୯୫୭ ମସିହାରେ ରୁଷିଆରୁ ଏକ ରକେଟ୍ ଉପରକୁ ପ୍ରାୟ ନଅ ଶହ କିଲୋମିଟର ଉଚ୍ଚକୁ ଉଠିଗଲା । ବାୟୁମଣ୍ଡଳ କେତେ ତଳେ ରହିଲାଣି । ସେହି ମହାଶୂନ୍ୟ ବା ମହାକାଶକୁ ଆଗରୁ କୌଣସି ରକେଟ୍ ଯାଇ ନ ଥିଲା ।

ସ୍ପୁଟନିକ୍

ରକେଟ୍ ଅଗରେ ଗୋଟିଏ ବସ୍ତୁ ଖଞ୍ଜା ହୋଇଥିଲା । ତାହା ସେହି ଉଚ୍ଚତାରେ ସେଥିରୁ ବାହାରିଗଲା ଓ ପୃଥିବୀ ଚାରିପଟେ ଘୂରିବାକୁ ଲାଗିଲା ।

Digitized by srujan ka@gmail.com

ରୁଷିଆ ତା ନାଁ ଦେଇଥିଲା ସ୍ପୁଟନିକ୍ । ତାହା ହେଲା ପୃଥିବୀର ପ୍ରଥମ ମଣିଷ ତିଆରି ଉପଗ୍ରହ ବା ଚନ୍ଦ୍ର । ସେଇ କୁନିଚାନ୍ଦଟି ବ୍ଲିପ୍ ବ୍ଲିପ୍ ଶବ୍ଦକରି ୯୬ ମିନିଟ୍‌ରେ ଥରେ ପୃଥିବୀ ଚାରିପଟେ ଘୂରୁଥାଏ । ଆମ ଚନ୍ଦ୍ର ୨୮ ଦିନରେ ଥରେ ଘୂରିଲା ବେଳକୁ ଏହା ମାତ୍ର ୯୬ ମିନିଟ୍ ନେଉଥାଏ । କାରଣ ଏହା ଚନ୍ଦ୍ର ତୁଳନାରେ କମ୍ ଉଚ୍ଚରେ ଥାଇ ଘୂରୁଥାଏ । ପୃଥିବୀ ଲୋକେ ରେଡ଼ିଓରେ ତା ବ୍ଲିପ୍ ବ୍ଲିପ୍ ଶବ୍ଦ ଶୁଣିପାରିଲେ । ଗୋଟିଏ ଛୋଟ ତାରାପରି ତା ଚକ୍ ଚକ୍ ହୋଇ ଆକାଶରେ ଚାଲୁଥାଏ ।

ମହାକାଶର ପ୍ରଥମ ସହିଦ

ତାହାର ମାସକ ପରେ ଆଉ ଗୋଟିଏ ସ୍ପୁଟନିକ୍—୨ ରୁଷିଆ ପଠାଇଲା । ସେଥିରେ ସେ ଗୋଟିଏ କୁକୁର ପଠାଇଥାଏ । କୁକୁରଟି ଯେଉଁ କକ୍ଷରେ ପୃଥିବୀ ଚାରିପଟେ ଘୂରୁଥାଏ ସେହି କକ୍ଷର ପୃଥିବୀଠାରୁ ଉଚ୍ଚତା ୨୭୦ରୁ ୧୭୦୦ କିଲୋମିଟର । ଏତେ ଉଚ୍ଚରେ ଥାଇ କୁକୁର ସୁରୁଖୁରୁରେ ନିଃଶ୍ୱାସ ନେଲା, ଖିଆପିଆ କଲା ଓ ଭୁକାଭୁକି କଲା । କିନ୍ତୁ କୁକୁରଟିକୁ ଆଉ ଫେରାଇ ଆଣି ହେଲା ନାହିଁ । ସେହି ମହାକାଶରେ ସେ ୮ ଦିନ ପରେ ପ୍ରାଣ ହରେଇଲା । ସେ ପ୍ରକୃତରେ ପ୍ରଥମ ମହାକାଶ ଯାତ୍ରୀ ଓ ମହାକାଶ ଯାତ୍ରାର ପ୍ରଥମ ସହିଦ । ବିଲାତ ଲୋକେ ପାଟିତୁଣ୍ଡ କଲେ, ସେମାନେ କୁକୁରକୁ ପୋଷନ୍ତି ଓ ଭାରି ଭଲ ପାଆନ୍ତି । ଏହି କୁକୁରଟିର ନାମ ଥିଲା ଲାଇକା । ଲାଇକାକୁ ଏମିତି ମହାଶୂନ୍ୟରେ ଅଣନିଃଶ୍ୱାସୀ କରାଇ ମାରିବାର ନିନ୍ଦା କରାଗଲା ।

Digitized by srujan ka@gmail.com

ମହାକାଶ ଯାତ୍ରାର ପ୍ରଥମ ସହିଦ ଲାଇକା

ପ୍ରଥମ ମହାକାଶଯାତ୍ରୀ

ଏବେ ଲୋକଙ୍କର ବିଶ୍ୱାସ ହେଲା ଯେ ମଣିଷ ମହାକାଶକୁ ଯାଇପାରିବ । ହୁଏତ ଦିନେ ଚନ୍ଦ୍ରକୁ ଯିବା ଅସମ୍ଭବ ନୁହେଁ । ସତକୁ ସତ ଲାଇକାକୁ ପଠାଇବାର ଚାରି ବର୍ଷ ପରେ ରୁଷିଆ ମହାକାଶକୁ ପ୍ରଥମେ ମଣିଷ ପଠାଇଲା । ଏହି ପ୍ରଥମ ମହାକାଶ ଯାତ୍ରୀ ହେଉଛନ୍ତି ୟୁରି ଏ. ଗାଗାରିନ୍ । ସେ ଯେଉଁ ଯାନରେ

Digitized by srujan ka@gmail.com

ଯାଇଥିଲେ ତା ନାଁ ଭୋଷ୍ଟୋକ – ୧ । ସେ ୧ ଘଣ୍ଟା ୪୮ ମିନିଟ୍‌ରେ ଥରେ ପୃଥିବୀ ପ୍ରଦକ୍ଷିଣ କରି ନିରାପଦରେ ଫେରି ଆସିଲେ ।



ୟୁରି ଏ ଗାଗାରିନ୍ ଜନ୍ ଏଚ ଗ୍ଲେନ୍

ସେତେବେଳକୁ ଆମେରିକା ମହାକାଶକୁ ମଣିଷ ପଠାଇବାକୁ ଚେଷ୍ଟା ଚଳାଇଥାଏ । କେତେକ ମାଙ୍କଡ଼ଙ୍କୁ ମଧ୍ୟ ପୃଥିବୀ ଚାରିପଟେ ଘୂରେଇ ସାରିଥାଏ । ସତକୁ ସତ ପ୍ରାୟ ବର୍ଷକ ପରେ ଆମେରିକା ପୃଥିବୀ ଚାରିପଟେ ଘୂରିବା ପାଇଁ ପ୍ରଥମ ଯାତ୍ରୀ ପଠାଇଲା । ତାଙ୍କ ନାମ ଜନ୍ ଏଚ୍. ଗ୍ଲେନ୍ । ସେ

Digitized by srujan ka@gmail.com

୩ ଥର ପୃଥିବୀକୁ ପ୍ରଦକ୍ଷିଣ କରି ପ୍ରାୟ ୫ ଘଣ୍ଟା ମଧ୍ୟରେ ଆମେରିକାରେ ନିରାପଦରେ ଓହ୍ଲାଇଲେ ।

ରକେଟ୍ କ'ଣ

ଏବେ ତମ ମନ ଉଚ୍ଛନ୍ନ ହେବଣି ଜାଣିବାକୁ ଯେ ରକେଟ୍ କ'ଣ । ରକେଟ୍‌ରେ ଯାନ କିପରି ପଠା ହୁଏ ଓ ଯାତ୍ରୀମାନେ କିପରି ଯାଆନ୍ତି । ରକେଟ୍



ଠିକ୍ ହାବେଳି ବାଣ ପରି ଉପରକୁ ଉଠେ । ହାବେଳି ବାଣରେ ନିଆଁ ଲଗାଇଲେ ତାହା ସାଏଁ କରି ଉପରକୁ ଉଠିଯାଏ ଦେଖିଥିବ । ରକେଟ୍ ତଳ କୋଠରିରେ ଅତି ଭଲ ଧରଣର ଜାଳେଣି ଥାଏ । ସେଥିରେ ନିଆଁ ଲଗାଇଦେଲେ ଯେଉଁ ଧୂଆଁ ଓ ଗ୍ୟାସ୍ ହୁଏ ତାହା ବାହାରି ଯିବାକୁ ଚାରିଆଡ଼କୁ ଚାପେ ବା ଠେଲେ । ତଳପଟେ ରନ୍ଧ୍ର ହୋଇଥାଏ । ସେପଟେ ଖୁବ୍ ବେଗରେ ଧୂଆଁ ବାହାରିବା ମାତ୍ରେ ତାହାର ପ୍ରତିକ୍ରିୟାରେ ରକେଟ୍‌ଟି ଠେଲିହୋଇ ଉପରକୁ ଉଠିଯାଏ । କ୍ରମେ କ୍ରମେ ଜାଳେଣି ଜଳୁଥାଏ ଏବଂ ରକେଟ୍‌ଟି ହାଲୁକା ହୋଇ ଖୁବ୍ ଜୋର୍‌ରେ ଉପରକୁ ଉଠୁଥାଏ । ଏହି ରକେଟ୍‌ଗୁଡ଼ିକ ବିରାଟ କୋଠାଘର ପରି ଉଚ୍ଚା । ଏହାର ଅଲଗା ଅଲଗା କୋଠରି ଥାଏ । ଅନେକ ରକମର ଯନ୍ତ୍ରପାତି ଖଞ୍ଜା

Digitized by srujan ka@gmail.com

ହୋଇଥାଏ । ରକେଟ୍ ଅଗକୁ ଥାଏ ଯାନ । ସେହି ଯାନରେ ଯାତ୍ରୀ ବସନ୍ତି । ସଙ୍ଗରେ ତାଙ୍କର କ୍ୟାମେରା ଓ ଅନ୍ୟାନ୍ୟ ଯନ୍ତ୍ରପାତି ଥାଏ । ରକେଟ୍ ହଠାତ୍ ଖୁବ୍ ବେଗରେ ଉଠେ ନାହିଁ । ସେପରି ହେଲେ ତାହା ବାୟୁରେ ଘଷିହୋଇ ଜଳିଯିବ । ଉଚ୍ଚକୁ ଉଚ୍ଚକୁ ବାୟୁ ପତଳା ହୁଏ । ରକେଟ୍ ହାଲୁକା ହୋଇ ଅଧିକ ବେଗରେ ଗତି କରେ ।

ଅଣଲେଉଟା ଢେଙ୍କା

ଏବେ ତମେ ଭାବୁଥିବ ଆମେ ଉପରକୁ ଫିଙ୍ଗୁଥିବା ଢେଙ୍କା କାହିଁକି ତଳକୁ ଖସିପଡ଼େ ଅଥଚ ରକେଟ୍‌ଟି ଉପରକୁ ଉଠିଯାଏ । ଆଗରୁ କହିଛି ଢେଙ୍କାଟିକୁ ଯେତେ ବେଗରେ ଉଚ୍ଚକୁ ଫିଙ୍ଗାଯିବ ତାହା ସେତେ ଉଚ୍ଚ ଉଠି ତଳକୁ ପଡ଼ିବ । ପୃଥିବୀ ତାକୁ ତଳକୁ ଟାଣୁଥିବାରୁ ତା ବେଗ କମେ । ବେଶୀ ବେଗ ହୋଇଥିଲେ ତା ବେଗ କମି କମି ଶୂନ ହେଲାବେଳକୁ ସେ ବହୁତ ଉଚ୍ଚ ଉଠିଯାଏ । ଏଣେ ପୁଣି ଢେଙ୍କାଟି ଯେତେ ଦୂରେଇ ଯିବ ପୃଥିବୀ ତାକୁ ସେତିକି କମ୍ ବଳରେ ଟାଣିବ । ଏହି ବଳ ଏକ କିଲୋମିଟର ଦୂରରେ ଯେତେ ୨ କିଲୋମିଟର ହେଲାବେଳକୁ ଚାରିଗୁଣ କମିଯାଏ, ୩ କିଲୋମିଟର ବେଳକୁ ନଅଗୁଣ କମିଯାଏ । ଏଥିରୁ ଏକ ମଜା କଥା ବାହାରିବ ।

ମନେକର ଆମେ ଏମିତି ଏକ ବେଗରେ ଢେଙ୍କାକୁ ଫିଙ୍ଗିବା ଯେ ସେ ପୃଥିବୀ ଠାରୁ ଖୁବ୍ ଦୂରକୁ ଚାଲିଯିବ ଓ ପୃଥିବୀ ତାକୁ ଟାଣି ଆଣିପାରିବ ନାହିଁ । ସବୁଠାରୁ କେତେ କମ୍ ବେଗରେ ଫିଙ୍ଗିଲେ ଏହା ସମ୍ଭବ ହେବ । ଏହାର ହିସାବ ହୋଇଛି । ଏହା ସେକେଣ୍ଡକୁ ପ୍ରାୟ ୧୦ କିଲୋମିଟର । ଏ ବେଗ କିଛି କମ୍ ନୁହେଁ । ଘଣ୍ଟାକୁ ପ୍ରାୟ ୩୬ ହଜାର କିଲୋମିଟର । ଆମ ରେଳଗାଡ଼ି କି

Digitized by srujan ka@gmail.com

ମଟରଗାଡ଼ିର ବେଗକୁ ଚାହିଁଲେ ଏହା ୭୦୦ ଗୁଣ । ମୂଳରୁ ଏତେ ବେଗ ଆରମ୍ଭ କରିଦେଲେ ରକେଟ୍ ଜଳିଯିବ । ରକେଟ୍‌ଟି ଯଦି ଘଣ୍ଟାକୁ ୩୬ ହଜାର କିଲୋମିଟରରୁ କମ୍ ବେଗରେ ଯଥା ୨୫ ବା ୩୦ ହଜାର କିଲୋମିଟର ବେଗରେ ଯାଏ ତାହାହେଲେ ପୃଥିବୀରୁ ପୂରା ବାହାରି ନ ଯାଇ ତା ଚାରିପଟେ କକ୍ଷରେ ଘୂରେ । ତାହା ହୁଏ ପୃଥିବୀର ଉପଗ୍ରହ ବା ଚନ୍ଦ୍ର । ତେଣୁ ପୃଥିବୀରୁ ବାହାରିଯିବା ପାଇଁ ଅଧିକ ବେଗ ଦରକାର ।

ଚନ୍ଦ୍ରକୁ ରକେଟ୍

ଚନ୍ଦ୍ରକୁ ଯିବାପାଇଁ ବୈଜ୍ଞାନିକମାନେ ନୂଆ କୌଶଳ କରୁଥିଲେ । ପ୍ରଥମେ ରକେଟ୍‌ଟି ପୃଥିବୀରୁ ବାହାରି ଘେରାଏ ଘୂରୁଥିଲା ଓ ତା ଘୂରା ବାଟକୁ ଏପରି ବଙ୍କା କରୁଥିଲା ଯେ ତାହା ଚନ୍ଦ୍ର କକ୍ଷକୁ ଚାଲିଯାଉଥିଲା । ସେଠି ଘେରାଏ ଦୁଇଘେରା ଘୂରିଲା ବେଳେ ସେଥିରୁ ଗୋଟିଏ ଯାନ ଚନ୍ଦ୍ରରେ ଓହ୍ଲାଉ ଥିଲା । ସେତେବେଳେ ଯାନଟିକୁ ଚନ୍ଦ୍ର ତା'ର ଆକର୍ଷଣ ବଳରେ ଟାଣିନିଏ । ଚନ୍ଦ୍ରଯାତ୍ରା କାମ ସରିଲେ ସେମିତି ଏକ ରକେଟ୍ ସାହାଯ୍ୟରେ ଉପରକୁ ଉଠି ପୁଣି ପୂର୍ବ ଚନ୍ଦ୍ର କକ୍ଷରେ ଘୂରୁଥିବା ମୂଳଯାନ ସଙ୍ଗେ ଆସି ମିଶିବାକୁ ହୁଏ । ଏବେ ମୂଳଯାନଟି ପୁଣି ପୃଥିବୀ କକ୍ଷକୁ ଆସି ଘୂରି ପୃଥିବୀରେ ଓହ୍ଲାଏ ।

ଯାନ ପୃଥିବୀକୁ ଆସିଲାବେଳେ ପୃଥିବୀ ତ ତାକୁ ଟାଣି ଆଣିବ । ଫଳରେ ତଳକୁ ପଡ଼ିଲା ବେଳକୁ ଯାନର ବେଗ ଖୁବ୍ ବଢ଼ିଯିବ । ପୃଥିବୀ ବାହାରକୁ ଯିବାପାଇଁ ଉଠିଲାବେଳେ ବସ୍ତୁର ବେଗ ଯେତିକି ହୋଇଥିବ ଆପଣା ଛାଏଁ ପଡ଼ିଲାବେଳେ ସେତିକି ହୋଇଯିବ । ତାହା କେତେ ଜାଣ ? ଘଣ୍ଟାକୁ ପ୍ରାୟ ୩୬ ହଜାର କିଲୋମିଟର । ତେଣୁ ପୃଥିବୀକୁ ଫେରିଲାବେଳେ ଫେରୁଥିବା

Digitized by srujan ka@gmail.com

ଯାନର ବେଗ କମେଇବାକୁ ପଡ଼େ । ନ ହେଲେ ବାୟୁମଣ୍ଡଳ ଭିତରକୁ ପଶିଲାବେଳେ ଯାନଟି ବାୟୁରେ ଘଷିହୋଇ ପୋଡ଼ିଯିବ ।



Digitized by srujan ka@gmail.com

ଚନ୍ଦ୍ରକୁ ଯିବାପାଇଁ ବୈଜ୍ଞାନିକମାନେ ନୂଆ କୌଶଳ କରୁଥିଲେ । ପ୍ରଥମେ ରକେଟ୍‌ଟି ପୃଥିବୀରୁ ବାହାରି ଘେରାଏ ଘୂରୁଥିଲା ଓ ତା ଘୂରା ବାଟକୁ ଏପରି ବଙ୍କା କରୁଥିଲା ଯେ ତାହା ଚନ୍ଦ୍ର କକ୍ଷକୁ ଚାଲିଯାଉଥିଲା ।

ଚନ୍ଦ୍ର ଯାତ୍ରୀ

ତମେ ଶୁଣିଥିବ ଚନ୍ଦ୍ରକୁ କେବଳ ଆମେରିକା ଲୋକ ପଠାଇଲା । ରୁଷିଆ ପଠାଇଲା ନାହିଁ । କାରଣ ଚନ୍ଦ୍ରକୁ ଗୋଟିଏ ଯାନରେ ୨।୩ ଜଣ ଲୋକ ପଠାଇବା ଏତେ ସହଜ ନୁହେଁ । ବାଟରେ ସେମାନେ ଖାଇବା ପାଇଁ ଖାଦ୍ୟ ଓ ନିଃଶ୍ୱାସ ନେବା ପାଇଁ ଅମ୍ଳଜାନ ସଙ୍ଗରେ ନେବାକୁ ହେବ । ବାଟରେ ଯାନକୁ ଚଳେଇବା ପାଇଁ ଯଥେଷ୍ଟ ଜାଳେଣି ଥିବ । କେତେକ ପରୀକ୍ଷା କରିବାକୁ, ଫଟୋ ଉଠାଇବାକୁ ସବୁ ଯୋଗାଡ଼ ହୋଇଥିବ । ଏସବୁ ବାବଦରେ ବହୁତ ଟଙ୍କା ଖର୍ଚ୍ଚ ହେବ ।

ତା'ଛଡ଼ା ଯେଉଁ ଯାତ୍ରୀମାନେ ଯିବେ ସେମାନେ ବର୍ଷ ବର୍ଷ ଧରି ତାଲିମ ପାଇଥିବେ । ତାଙ୍କ ଦେହପା ଖୁବ୍ ଭଲ ଥିବ କିମ୍ବା ବାଟରେ ବିଗିଡ଼ିବାର ଭୟ ନ ଥିବ । ମନରେ ଦମ୍ଭ ଥିବ, ଯନ୍ତ୍ରପାତି ଚଳେଇବା କୌଶଳ ଶିଖିଥିବେ । ଏସବୁ ତାଲିମ ପାଇବା ପାଇଁ ଦେଶରେ ଗୁଡ଼ିଏ ଲୋକ ବାହାରିବା ଉଚିତ । ମହାକାଶକୁ ଯିବା ଅର୍ଥ ଯେ କୌଣସି ଅବସ୍ଥାରେ ଯାହା ତାହା ହୋଇପାରେ । ସେସବୁ ସହିଲା ପରି ମନଥିବା ଦରକାର । ନ ହେଲେ ଛାନିଆଁ ହେଲେ ସବୁ ଯୋଗାଡ଼ ବିଗିଡ଼ିଯିବ ।

ରୁଷିଆ ଏସବୁ ଅଡୁଆରେ ନ ପଶି ଚନ୍ଦ୍ରକୁ ଯନ୍ତ୍ର ପଠାଇଦେଲା । ସେ ଯନ୍ତ୍ର ତଳ ପୃଥିବୀରୁ ରେଡ଼ିଓ ସଙ୍କେତ ପାଇଲେ କାମ କରିବ । ମାଟି ପରୀକ୍ଷା

Digitized by srujan ka@gmail.com

କରିବ । ତାପମାତ୍ରା ମାପିବ । ପଥର ଖୋଳି ଆଣି ତା ଜାଗାରେ ରଖିବ । ମନକୁମନ ଫଟୋ ଉଠାଇବ । ଯଦି କିଛି ନୂଆ କଥା ଦେଖିବ ପୃଥିବୀକୁ ସଙ୍କେତରେ ଜଣାଇ ଦେବ । ମଣିଷ କ'ଣ ଆଉ ଅଧିକ କିଛି କରିବ ? ମଣିଷ ପଠାଇବାରେ ଯେଉଁ ବିପଦ ତାହା ରହିଲା ନାହିଁ । ମଣିଷକୁ ବଞ୍ଚେଇ ରଖିବା ପାଇଁ ଯେତେ କଥା କରିବାକୁ ପଡ଼ିଥାନ୍ତା ସେସବୁ ଦରକାର ହେଲା ନାହିଁ ।

ଆପୋଲୋ ଯୋଜନା

କିନ୍ତୁ ଆମେରିକାରେ ଚନ୍ଦ୍ରକୁ ଲୋକ ପଠାଇବାର ଯୋଜନା ହେଲା । ଏହି ଯୋଜନାକୁ କୁହାଗଲା ଆପୋଲୋ ଯୋଜନା । ଆମେରିକାର ଯୁକ୍ତି ହେଲା – ମଣିଷ ମଣିଷ, ଯନ୍ତ୍ର ଯନ୍ତ୍ର । ଯନ୍ତ୍ର କ'ଣ ମଣିଷ ହେବ ? ମଣିଷକୁ ଯେତିକି କୁହା ହୋଇଥିବ ସେ ସେତିକି ଦେଖିବ । ତା ମନକୁ ଆଉ ଅଧିକା କେତେ କ'ଣ ଦେଖି ଆସିବ । ବୈଜ୍ଞାନିକମାନେ ତାକୁ କୌଣସି ନୂଆ ବିଷୟରେ ପଚାରିଲେ ସେ ଯାହା ଦେଖିଥିବ ମନେପକାଇ କହିବ । ଯନ୍ତ୍ର ତ ସବୁକଥା ମନେପକାଇ ପାରିବ ନାହିଁ । ତାକୁ ଯେତିକି କୁହା ହୋଇଥିବ ସେ ସେତିକି ରେକର୍ଡ଼ କରି ଆଣିଥିବ । ତେଣୁ ଆପୋଲୋ ଯୋଜନାରେ ଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ମଣିଷ ପଠାଇବା ପାଇଁ ଠିକ୍ ହେଲା ।

ଆପୋଲୋ ଯାନରେ ୩ ଜଣ ଲୋକ ଯିବେ । ଜଣେ ହେବେ ଅଧିନାୟକ । ତାଙ୍କ କଥା ସମସ୍ତେ ମାନିବେ । ଅନ୍ୟମାନଙ୍କ ଅପେକ୍ଷା ତାଙ୍କର ଟିକିଏ ଅଧିକା ଜ୍ଞାନ ଥିବ । ଆଗରୁ ମହାକାଶ ଯାଇଥିବାର ଅଭିଜ୍ଞତା ଥିବ । ତାଙ୍କ ସଙ୍ଗରେ ଯେଉଁ ଦ୍ୱିତୀୟ ଜଣକ ଚନ୍ଦ୍ରରେ ଓହ୍ଲାଇବେ ସେ ହେବେ ତାଙ୍କ ସହାୟକ । ତା' ଛଡ଼ା ଯନ୍ତ୍ରପାତି ଓ ଫଟୋଉଠା ସମ୍ବନ୍ଧରେ ତାଙ୍କର ଅଧିକା

Digitized by srujan ka@gmail.com

ଜ୍ଞାନ ଥିବ । ତୃତୀୟ ଜଣକ ଚନ୍ଦ୍ର କକ୍ଷରେ ମୂଳଯାନକୁ ଘୂରାଇ ତାଙ୍କ ଫେରିବାକୁ ଅପେକ୍ଷା କରିବେ । ଘୂରୁଥିବା ବେଳେ ସେ ଅନ୍ୟ ଦୁଇଜଣ ଯାତ୍ରୀଙ୍କର ଫଟୋ ଉଠାଇବେ । ସେମାନେ କିପରି ଓହ୍ଲାଉଛନ୍ତି, କ'ଣ କରୁଛନ୍ତି, କିପରି ଫେରୁଛନ୍ତି ତା'ର ଫଟୋଚିତ୍ର ପୃଥିବୀକୁ ଅଣାଯିବ । ଏସବୁ ପରେ ଅନ୍ୟ ଯିଏ ଯିବେ ତାଙ୍କ କାମରେ ଲାଗିବ । ଅନ୍ୟମାନେ ଦେଖି ଚାହିଁ ସତର୍କ ହୋଇ ଯିବେ । ଏଥିପାଇଁ ତୃତୀୟ ଜଣକ ଚନ୍ଦ୍ରରେ ନ ଓହ୍ଲେଇଲେ ମଧ ତାଙ୍କ ଦାୟିତ୍ୱ ଖୁବ୍ ବେଶୀ ।

ପ୍ରଥମ ଚନ୍ଦ୍ର ଯାତ୍ରୀ

ପରେ ପରେ ୧୦ଟି ଆପୋଲୋ ଯାନ ପଠାହେଲା । ସେଥିରୁ ଚନ୍ଦ୍ରଯାତ୍ରାରେ କ'ଣ ବାଧାବିଘ୍ନ ପଡ଼ିପାରେ ତାର ଏକ ଧାରଣା ହୋଇଛି । ସେହି ବାଧାବିଘ୍ନ ସବୁ କିପରି ଏଡ଼ାଇ ହେବ ତା ପାଇଁ ବ୍ୟବସ୍ଥା କରାହୋଇଛି । ଏବେ ଆପୋଲୋ-୧୧ ରେ ଚନ୍ଦ୍ରକୁ ଯିବା କଥା । ଯାନ ପ୍ରସ୍ତୁତ ହୋଇଗଲା ।

ଯାନର ଅଧିନାୟକ ହେଲେ ନିଲ. ଏ. ଆର୍ମଷ୍ଟ୍ରଙ୍ଗ । ସେତେବେଳେ ତାଙ୍କୁ ୩୮ ବର୍ଷ ବୟସ ହୋଇଥାଏ । ରିକି ଓ ମାର୍କ ବୋଲି ତାଙ୍କର ଦୁଇଟି ପୁଅ । ରିକିକୁ ୧୧ ବର୍ଷ ଓ ମାର୍କକୁ ମାତ୍ର ୬ ବର୍ଷ । ତାଙ୍କ ବାପା ଜହ୍ନମାମୁ ପାଖକୁ ଯାଉଛନ୍ତି ବୋଲି ସେମାନେ ଭାରି ଖୁସି ।

୨ୟ ଯାତ୍ରୀଙ୍କ ନାମ ଏଡ୍‌ଉଇନ୍ ଜର୍ଜ ଆଲଡ୍ରିନ୍ । ସେ ଆର୍ମଷ୍ଟ୍ରଙ୍ଗଙ୍କ ଠାରୁ ବର୍ଷେ ବଡ଼ । ଆର୍ମଷ୍ଟ୍ରଙ୍ଗ ଆଗରୁ ଦି'ଥର ମହାକାଶକୁ ଯାଇଥିଲେ । ଆଲଡ୍ରିନ୍ ମାତ୍ର ଥରେ ଯାଇଥିଲେ । ତୃତୀୟ ଜଣକ ହେଲେ ମାଇକେଲ୍ କଲିନ୍‌ସ । ସେ ମଧ ଆଗରୁ ମହାକାଶକୁ ଯାଇଥିଲେ ।

Digitized by srujan ka@gmail.com

ଯେଉଁ ରକେଟ୍‌ରେ ଚନ୍ଦ୍ରକୁ ଯିବେ ତାର ନାଁ ସାଟର୍ଣ୍ଣ । ତାହା ଅତି ପ୍ରକାଣ୍ଡ । ଦେଖିବାକୁ ଗୋଟିଏ ୩୭ ମହଲା କୋଠା ପରି । ଏଥିରେ ୩ଟି ଯାନ ଥାଏ – ନିର୍ଦ୍ଧେଶ ଯାନ, ଯୋଗାଣ ଯାନ ଓ ଚନ୍ଦ୍ର ଯାନ । ଚନ୍ଦ୍ର ଯାନର ନାଁ ଇଗଲ । ସେଇ ଯାନ ଚନ୍ଦ୍ରକୁ ଯିବ । ଯେଉଁ ମୂଳ ଯାନଟି ରହିଯିବ ସେଥିରେ ରହିଥିବ ଅନ୍ୟ ଦୁଇଟି ଯାନ । ମୂଳ ଯାନର ନାଁ କଲମ୍ବିଆ ।

ନିଲ. ଏ. ଆର୍ମଷ୍ଟ୍ରଙ୍ଗ



ଏଡ୍‌ଉଇନ୍ ଜର୍ଜ ଆଲଡ୍ରିନ୍



ଆପୋଲ - ୧୧

ମାଇକେଲ୍ କଲିନସ

Digitized by srujan ka@gmail.com

ରକେଟ୍‌ଟି ହଜାର ହଜାର-ରେଳଇଞ୍ଜିନ୍ ଏକାଠି ଗର୍ଜିଲା ପରି ଗର୍ଜି ଆକାଶକୁ ଉଠିଲା । ଚାହୁଁ ଚାହୁଁ ତାହା ହଜାର ହଜାର କିଲୋମିଟର ଉଚ୍ଚକୁ ଉଠିଗଲା । ତା ଭିତରେ ଯାତ୍ରୀମାନେ ନାନା ପ୍ରକାର ପରୀକ୍ଷା କରୁଥାନ୍ତି । ରେଡ଼ିଓ ତରଙ୍ଗରେ ପୃଥିବୀକୁ ଖବର ପଠାଉଥାନ୍ତି । ଏପରିକି ତାଙ୍କ ପରୀକ୍ଷାର ଛବି ସବୁ ପୃଥିବୀର ସ୍ୱତନ୍ତ୍ର ଟେଲିଭିଜନ୍‌ରେ ଦେଖା ଯାଉଥାଏ ।

ଚନ୍ଦ୍ରରେ ମଣିଷ ପାଦ

୧୯୬୯ ମସିହା ଜୁଲାଇ ୧୬ରେ ରକେଟ୍ ପ୍ରସ୍ତୁତ ହେଲା । ୧୭ ତାରିଖରେ ରକେଟ୍‌ରେ ନିଆଁ ଲାଗିଲା । ୧୯ ତାରିଖରେ ଏହା ପୃଥିବୀର ଆକର୍ଷଣରୁ ମୁକୁଳିଲା । ତେଣିକି ପୃଥିବୀ ଅପେକ୍ଷା ଚନ୍ଦ୍ର ତାକୁ ଅଧିକ ବଳରେ ଟାଣିଲା । ଏମିତି ୧୪ ଘଣ୍ଟା ଗଲା ପରେ ଯାନ ଚନ୍ଦ୍ର ପଛପଟକୁ ଯାଇ ଚନ୍ଦ୍ର ଚାରିପଟେ ଘୂରିବା ଆରମ୍ଭ କଲା ।

ଜୁଲାଇ ୨୦ ତାରିଖ । ଚନ୍ଦ୍ର ଯାନ ଇଗଲ, ମୂଳଯାନ କଲମ୍ବିଆରୁ ଅଲଗା ହୋଇଗଲା । ଆଗରୁ ଇଗଲ ଭିତରେ ଆର୍ମଷ୍ଟ୍ରଙ୍ଗ ଓ ଆଲଡ୍ରିନ ପଶିଥାନ୍ତି । ଚନ୍ଦ୍ରରେ ଇଗଲ ଓହ୍ଲାଇଲା । ହଠାତ୍ ସେମାନେ ଯାନରୁ ବାହାରକୁ ଆସିଲେ ନାହିଁ । କାଳେ କେଉଁଠି କ'ଣ ଅସୁବିଧା ଥିବ ପ୍ରଥମେ ପରୀକ୍ଷା କଲେ । ନ ବୁଝି ନ ଶୁଝି ହଠାତ୍ ବାହାରି ପଡ଼ିଲେ ସବୁ ବିଗିଡ଼ି ଯିବ । ସବୁ ପରିଶ୍ରମ ଅକାରଣ ହେବ । ଏତେ ଦୁଃଖ କଷ୍ଟ କରି ଆସିବାର ମୂଲ୍ୟ ରହିବ ନାହିଁ ।

ଯାନରୁ ପ୍ରଥମେ ଆର୍ମଷ୍ଟ୍ରଙ୍ଗ ଆସ୍ତେ ତାଙ୍କ ଗୋଡ଼ କାଢ଼ି ଚନ୍ଦ୍ର ଉପରେ ଥୋଇଲେ । ତା'ପରେ ଚାରିଆଡ଼େ ଆଖି ବୁଲେଇ ନେଲେ । ଆନନ୍ଦରେ ଅଧୀର ହୋଇ ପଡ଼ିଲେ । କେଉଁ ଯୁଗରୁ କୋଟି କୋଟି ଶିଶୁ କୁନି କୁନି ହାତ

Digitized by srujan ka@gmail.com



ପ୍ରଥମେ ଆର୍ମଷ୍ଟ୍ରଙ୍ଗ ଆସ୍ତେ ତାଙ୍କ ଗୋଡ଼ କାଢ଼ି ଚନ୍ଦ୍ର ଉପରେ ଥୋଇଲେ

ବଢ଼େଇ ଚାନ୍ଦକୁ ଡାକୁଥିଲେ । "ଆ, ଜହ୍ନମାମୁ ସରଗ ଶଶୀ ।" ଚନ୍ଦ୍ର ଶୁଣୁ ନ ଥିଲା । ଆଜି ଚନ୍ଦ୍ର ତାଙ୍କ ପାଦ ତଳେ । ତାଙ୍କ ପାଟିରୁ ବାହାରି ପଡ଼ିଲା —

Digitized by srujan ka@gmail.com

''ଏ ମୋ ଭଳି ଜଣେ ମଣିଷର ବିଜୟ ନୁହେଁ, ଏ.ବିଜୟ ପଛରେ ଅଛନ୍ତି ପୃଥିବୀର ସମସ୍ତ ମଣିଷ ଜାତି ।''

ଠିକ୍ ୧୮ ମିନିଟ୍ ପରେ ଆଲଡ୍ରିନ୍ ଯାନରୁ ବାହାରି ଚନ୍ଦ୍ରରେ ଠିଆ ହେଲେ । ଏବେ ଦୁହେଁ ଖୁସି ହୋଇ ନିଜ ନିଜକୁ କୁଣ୍ଢେଇ ପକେଇଲେ । ତାଙ୍କ ଦେଶର ପତାକା ସେମାନେ ସେଠି ପୋତିଲେ । ଚନ୍ଦ୍ରରୁ କିଛି ଧୂଳି ଓ ପଥର ଆଣି ଯାନରେ ରଖିଲେ । ଅନ୍ୟ କେତେକ ଯନ୍ତ୍ରପାତି ମଧ୍ୟ ସେଠି ଖଞ୍ଜି ଦେଲେ ।

ଏସବୁ ପୃଥିବୀକୁ ଟେଲିଭିଜନରେ ଦେଖାଯାଉଥାଏ । ସେତିକିବେଳେ ଆମେରିକା ପ୍ରେସିଡେଣ୍ଟ ଆର୍ମଷ୍ଟ୍ରଙ୍ଗଙ୍କୁ ଫୋନ୍ କଲେ । ଆମେରିକାରୁ ଚନ୍ଦ୍ରକୁ ଫୋନ୍ ! ଦୂରତା ପ୍ରାୟ ୪ ଲକ୍ଷ କିଲୋମିଟର । କିଏ ଭାବିଥିଲା ଯେ ଏହା ଦିନେ ସମ୍ଭବ ହେବ ?

ଘର ବାହୁଡ଼ା

ତା'ପରେ ଆଲଡ୍ରିନ୍ ପ୍ରଥମେ ଚନ୍ଦ୍ରଯାନରେ ପଶିଲେ । ଆର୍ମଷ୍ଟ୍ରଙ୍ଗ ହେଲେ ଅଧିନାୟକ । ସାଙ୍ଗ ଯାତ୍ରୀଙ୍କୁ ନିରାପଦ ରଖିବା ତାଙ୍କ ଦାୟିତ୍ୱ । ପଛରେ ସେ ଚନ୍ଦ୍ରରୁ ବିଦାୟ ନେଇ ଯାନକୁ ଫେରିଲେ । ସେମାନେ ଚନ୍ଦ୍ରରେ ୧୨ ଘଣ୍ଟା ୩୭ ମିନିଟ୍ କଟେଇଲେ । ଏବେ ଇଗଲ ଉପରକୁ ଉଠିଲା । ଠିକ୍ ଚଢ଼େଇଟି ଯେମିତି ମାଟିରୁ ଆକାଶକୁ ଉଠେ । ୧୧୦ କିଲୋମିଟର ଉଚ୍ଚରେ ଘୂରୁଥିଲା କଲମ୍ବିଆ-ମୂଳଯାନ । ତା'ର ଦାୟିତ୍ୱରେ ଥିଲେ ମାଇକେଲ୍ ।

୩ ଜଣ ଯାତ୍ରୀ ମୂଳଯାନକୁ ଆସିଲେ । ମୂଳଯାନରୁ ଚନ୍ଦ୍ରଆଡ଼େ ଏକ ରକେଟ୍ ନିକ୍ଷେପ କରାଗଲା । ତା'ର ପ୍ରତିକ୍ରିୟାରେ ମୂଳଯାନ ଚନ୍ଦ୍ରଠାରୁ ଦୂରକୁ ଯିବାକୁ ଲାଗିଲା । ଏବେ ତାଙ୍କ ଯାନ ଘରମୁହାଁ ହେଲା । କିଛି ସମୟ ପରେ

Digitized by srujan ka@gmail.com

ସେମାନେ ଭୋଜନରେ ବସିଲେ । ଏସବୁ ଆମେରିକାଁ ଟେଲିଭିଜନରେ ଦେଖା ଯାଉଥାଏ । ଜୁଲାଇ ୨୩ରେ ସେମାନେ ଫେରନ୍ତା ଯାତ୍ରା ଆରମ୍ଭ କଲେ ।

ଜୁଲାଇ ୨୪ ତାରିଖ ବେଳକୁ ତାଙ୍କ ମୂଳ ଯାନରୁ ନିର୍ଦ୍ଦେଶ ଯାନ ଅଲଗା ହୋଇଗଲା । ଆଉ ରକେଟ୍ ଓ ଯୋଗାଣ ଯାନର ପ୍ରୟୋଜନ ନ ଥିଲା । ନିର୍ଦ୍ଦେଶ ଯାନ ବିଜୟୀ ଯାତ୍ରୀଙ୍କୁ ଧରି ପ୍ରଶାନ୍ତ ମହାସାଗରରେ ଓହ୍ଲାଇଲା । ହାୱାଇ ଦ୍ୱୀପ ପାଖରେ ସମୁଦ୍ରବୁଡ଼ାଳିମାନେ ଅପେକ୍ଷା କରିଥାଆନ୍ତି । କିଛି ବିପଦ ପଡ଼ିଲେ ସେମାନେ ସଙ୍ଗେ ସଙ୍ଗେ ପାଣିରେ ବୁଡ଼ି ତାଙ୍କୁ ଉଦ୍ଧାର କରିବେ ।



ନିର୍ଦ୍ଦେଶ ଯାନ ବିଜୟୀ ଯାତ୍ରୀଙ୍କୁ ଧରି ପ୍ରଶାନ୍ତ ମହାସାଗରରେ ଓହ୍ଲାଇଲା

Digitized by srujan ka@gmail.com

ଯାତ୍ରୀମାନେ ସମୁଦ୍ରରେ ପଡ଼ିଲାମାତ୍ରେ ହେଲିକପ୍‌ଟର ତାଙ୍କୁ ଉପରକୁ ଉଠାଇ ନେଲା । ଏବେ ହଠାତ୍ ସେମାନେ କାହା ସଙ୍ଗେ ମିଶିଲେ ନାହିଁ । ତାଙ୍କୁ ଅଲଗା କୋଠରିରେ ରଖାଗଲା । କାଳେ କ'ଣ ରୋଗଜୀବାଣୁ ମହାଶୂନ୍ୟରୁ ଆସି ତାଙ୍କ ଦେହରେ ଲାଗିଥିବ । ତାହାହେଲେ ପୃଥିବୀରେ ଅଜଣା ରୋଗ ଦେଖାଦେବ । ସେଥିପାଇଁ ସେମାନେ ଏକ କୋଠରି ଭିତରେ ପଶି ରହିଲେ । ତାଙ୍କ ଦେହକୁ ଶୋଧନ କରାଗଲା ।

ଆମେ ଚନ୍ଦ୍ର ବିଷୟରେ ଯାହା ଅନୁମାନ କରୁଥିଲୁ ଏ ଯାତ୍ରୀମାନେ ତାହା ଆଖିରେ ଦେଖି ଆସିଲେ । ଚନ୍ଦ୍ର ଦେହସାରା ଖାଲି ଧୂଳି ଓ ପଥର । ଜୀବଜନ୍ତୁ କି ଗଛଲତା ସେଠି ନାହିଁ । ଏପରିକି ଜୀବାଣୁ ପରି କୌଣସି କ୍ଷୁଦ୍ର ଜୀବ ନାହିଁ । ବାୟୁ ନାହିଁ । ତେଣୁ ବର୍ଷା କଥା ଉଠୁ ନାହିଁ । ଋତୁ ବଦଳୁ ନାହିଁ । ଦିନରେ ଅତି ଗରମ ଓ ରାତିରେ ଅତି ଥଣ୍ଡା । ତେଣୁ ତାପମାତ୍ରା ବଢ଼ି ଫୁଟନ୍ତା ଜଳର ତାପମାତ୍ରାଠାରୁ ଅଧିକ ହୁଏ । ପୁଣି ଏହା କମି ବରଫ ଜଳର ତାପମାତ୍ରାଠାରୁ ତଳକୁ ଖସେ । ଚନ୍ଦ୍ର ଭଳି ଶୁଖିଲା ଶୀତଳ ମରୁଭୂମିରେ କୌଣସି ଜୀବ ବା ଗଛଲତା ବଞ୍ଚିବ କିପରି ?

ଆପୋଲା-୧୩

ତା'ପରେ ଆପୋଲା-୧୩ ରେ ବାହାରିଲେ ଆଉ ୩ ଜଣ ଯାତ୍ରୀ । ତାଙ୍କ ନାମ— ଏ. ଲଭେଲ, ଫ୍ରେଡ୍ ହେଇସ୍ ଓ ଜନ୍ ସ୍ୱିଗଟ୍ । ଏ. ଲଭେଲ ହେଲେ ତାଙ୍କ ଅଧିନାୟକ । ଠିକ୍ ଅଧାଅଧି ବାଟ ଯାଇଛନ୍ତି ତାଙ୍କ ଅମ୍ଳଜାନ ସିଲିଣ୍ଡର ଫୁଟିଗଲା । ସଙ୍ଗରେ ନେଇଥିବା ବାୟୁ ସରିଗଲେ ସେମାନେ ନିଃଶ୍ୱାସ ନେବେ କିପରି ? ସେମାନଙ୍କର ଭାଳେଣି ପଡ଼ିଲା । ସିଲିଣ୍ଡରରେ ରନ୍ଧ୍ର ହୋଇ ବାୟୁ ବାହାରି ଯାଉଛି । ଯଦି ସେଇ ଅଧା ବାଟରୁ ଫେରନ୍ତି ତାହାହେଲେ ମଧ୍ୟ

Digitized by srujan ka@gmail.com

ଅଣନିଃଶ୍ୱାସୀ ହୋଇ ମରିବେ । ସେହି ଉଚ୍ଚରୁ ପୃଥିବୀର ବୈଜ୍ଞାନିକମାନଙ୍କୁ ସେମାନେ ପଚାରିଲେ କେଉଁ ବାଟ ଦେଇ ଫେରିଲେ ଫୁଟା ସିଲିଣ୍ଡରର ବଳକା ବାୟୁରେ ତାଙ୍କ ଜୀବନ ବଞ୍ଚାଇ ହେବ । ବୈଜ୍ଞାନିକମାନେ କଂପ୍ୟୁଟରରେ ହିସାବ କରି ତାଙ୍କୁ ବତେଇ ଦେଲେ । ସତକୁ ସତ ସେମାନେ ମରଣ ମୁହଁରୁ ବଞ୍ଚିଗଲେ । ପୃଥିବୀର ଲୋକେ ମିଳିମିଶି ପ୍ରାର୍ଥନା କରୁଥିଲେ – ହେ ଭଗବାନ୍ ଏ ଯାତ୍ରୀମାନଙ୍କୁ ତୁମେ ବଞ୍ଚାଇ ଦିଅ ।



ଏ. ଲଭେଲ ଫ୍ରେଡ୍ ହେଇସ ଜନ୍ ସ୍ୱିଗଟ୍

ସେମାନେ ନିରାପଦରେ ପୃଥିବୀରେ ପହଞ୍ଚିଲେ । ତାଙ୍କୁ ଆମେରିକା ପ୍ରେସିଡେଣ୍ଟ ଅଭିନନ୍ଦନ କରି କହିଥିଲେ "ତମେ ସିନା ଚନ୍ଦ୍ରକୁ ଛୁଇଁପାରିଲ ନାହିଁ,

Digitized by srujan ka@gmail.com

କୋଟି କୋଟି ପୃଥିବୀବାସୀଙ୍କ ହୃଦୟକୁ ଛୁଇଁପାରିଲ ।'' ଯାତ୍ରୀମାନେ ଯେଉଁ ସାହସ ଓ ଧୈର୍ଯ୍ୟ ଦେଖାଇଲେ ତାହାର ତୁଳନା ନାହିଁ । ଏବେ ବାଟରେ ମହାକାଶଯାନ ହଠାତ୍ ବିଗିଡ଼ିଗଲେ ତାକୁ କିପରି ନିରାପଦରେ ଫେରାଇ ଆଣିହେବ ତାହାର ପରୀକ୍ଷା ହୋଇଗଲା । ସମସ୍ତେ ଆମେରିକାର ଯାତ୍ରୀ ଓ କାରିଗରୀ କୌଶଳକୁ ଧନ୍ୟ ଧନ୍ୟ କଲେ ।

ଚନ୍ଦ୍ରରେ ଠେଲାଗାଡ଼ି

ଆପୋଲୋ-୧୪ ରେ ଯାଇଥିଲେ ଆଲାନ୍ ବି. ସେପାର୍ଡ, ଷ୍ଟୁଆର୍ଟ ଏ. ରୁଜା ଓ ଏଡ୍‌ଗାର ଡି. ମିଚେଲ । ସେପାର୍ଡ ଓ ମିଚେଲ ସଙ୍ଗରେ ଏକ ଦି'ଚକିଆ ଠେଲାଗାଡ଼ି ନେଇଥିଲେ । ସେମାନେ ଅନ୍ୟମାନଙ୍କ ଅପେକ୍ଷା ଅଧିକ ପଥର



ଆଲାନ୍ ବି. ସେପାର୍ଡ ଷ୍ଟୁଆର୍ଟ ଏ. ରୁଜା ଏଡ୍ ଡି. ମିଚେଲ୍

Digitized by srujan ka@gmail.com

ସଂଗ୍ରହ କଲେ । ସେସବୁକୁ ହାତରେ ନ ବୋହି ଠେଲାଗାଡ଼ିରେ ଲଦି ଯାନ ପାଖକୁ ଆଣିଲେ । ସବୁ ପ୍ରକାର ପଥର ଆଣିଥିବାରୁ ପୃଥିବୀରେ ପରୀକ୍ଷା ସହଜ ହେଲା ଓ କେତେ ନୂଆ କଥା ଜଣା ପଡ଼ିଲା । ଏଣିକି ଆମେରିକା ଠିକ୍ କଲା ଏକ ମଟରଗାଡ଼ି ଚନ୍ଦ୍ରକୁ ଯିବ । ତାହାହେଲେ ଅଳ୍ପ ସମୟରେ ବେଶୀ ଅଞ୍ଚଳ ବୁଲି ଦେଖି ହେବ ଓ ଏଠୁ ସେଠୁ ପଥର ଆଣି ହେବ ।

ଚନ୍ଦ୍ରରେ ମଟରଗାଡ଼ି

ଆପୋଲୋ-୧୫ ରେ ସତକୁ ସତ ଗୋଟିଏ ମଟରଗାଡ଼ି ପଠାହେଲା । ସେଥିରେ ଯାତ୍ରୀ ହେଲେ ଓଡ଼ିନ୍, ସ୍କଟ୍ ଓ ଇର୍‌ଉଇନ୍ । ଏ ଗାଡ଼ିଟିର ନାଁ ଥିଲା ରୋଭର । ଏହା ଏକ ସାଧାରଣ ମଟରଗାଡ଼ି ନୁହେଁ । ଏଥିରେ ସେତେବେଳେ



ଓଡ଼ିନ୍ ସ୍କଟ୍ ଇର୍‌ଉଇନ୍

Digitized by srujan ka@gmail.com

ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହା ଅତି ହାଲୁକା ଥିଲା । ଲମ୍ବ ପ୍ରାୟ ୩ ମିଟର ଏବଂ ଓସାର ପ୍ରାୟ ୨ ମିଟର । ଭାଙ୍ଗିଭୁଙ୍ଗି ଦେଲେ ଛୋଟ ସୁଟ୍‌କେଶ ପରି ଯାନ ଭିତରେ ରହିପାରୁଥିଲା । ଏ ଘଣ୍ଟାକୁ ପ୍ରାୟ ୧୬ କିଲୋମିଟର ଯାଇପାରୁଥିଲା । ଚାହିଁଲେ ଏହାର ଗତି ଘଣ୍ଟାକୁ ୭୨ କିଲୋମିଟର ବି ବଢ଼ାଇ ହେବ । ଯାତ୍ରୀମାନେ ମାତ୍ର ଘଣ୍ଟାକୁ ୮ କିଲୋମିଟର ବେଗରେ ଗାଡ଼ି ଚଳାଇଥିଲେ । ସେମାନେ ପ୍ରାୟ ୬୦ ବର୍ଗ କିଲୋମିଟର ଅଞ୍ଚଳ ବୁଲି ଦେଖିଥିଲେ ।

ସାଧାରଣ ମଟରଗାଡ଼ି ତା ଓଜନର ଅଧାଅଧି ଜିନିଷ ବୁହେ । କିନ୍ତୁ ରୋଭର୍‌ରେ ତା ଓଜନର ଦୁଇଗୁଣ ଜିନିଷ ଲଦି ତାକୁ ନିରାପଦରେ ନେଇ



ଚନ୍ଦ୍ରରେ ମଟରଗାଡ଼ି ରୋଭର୍

Digitized by srujan ka@gmail.com

ହେଉଥିଲା । ଗାଡ଼ିଟି ଓଲଟେ ନାହିଁ । ଗାଡ଼ିକୁ ହଠାତ୍ ବଙ୍କେଇ ଆଗକୁ ପଛକୁ ବା କଡ଼କୁ ନେଇ ହେଉଥିଲା । ଏଥିରେ ୨୦୦ କିଲୋ ଓଜନର ପଥର ଲଦି ଅଣା ହୋଇଥିଲା । ଏହି ଗାଡ଼ିରୁ ଆମେରିକାକୁ ମଧ୍ଯ ଫୋନ୍ କରି ହେଉଥିଲା । ରୋଭର୍ ଗାଡ଼ିର ଯେଉଁ କାରିଗରୀ କୌଶଳତା ତାକୁ ପ୍ରଶଂସା ନ କରି ରହି ହେବ ନାହିଁ ।

ଚନ୍ଦ୍ର ପ୍ରକୃତରେ କଅଣ

ଏହିସବୁ ଚନ୍ଦ୍ର ଯାତ୍ରା ଫଳରେ ଆମେ ଅନେକ କଥା ଜାଣିପାରିଲୁ । ଆଗରୁ ଏସବୁ ଜଣା ନ ଥିଲା । ଆମେ ଭାବୁଥିଲୁ—ଚନ୍ଦ୍ର ଭାରି ଶାନ୍ତ । ତାହା ନୁହେଁ, ଏହାର ଦେହ ସବୁବେଳେ ଥରୁଛି । ଚନ୍ଦ୍ରର ଉପର ମୃତ୍ତିକା ମୋଟା ଓ କଠିନ । ପୃଥିବୀ ପରି ହୋଇଥିଲେ ତାହା କେଉଁଦିନୁ ଫାଟି ଯାଆନ୍ତାଣି । ଚନ୍ଦ୍ରପୃଷ୍ଠ ଖୋଳିଲେ ତାତି ବଢ଼ି ବଢ଼ି ଯାଏ ।

ଚନ୍ଦ୍ରରେ ଦୁଇ ପ୍ରକାର ପଥର ମିଳୁଛି । ଗୋଟିଏ ପ୍ରକାର କଳା । ସେଥିରେ ଅଧିକ ଲୁହା ଓ ଅଳ୍ପ ଆଲୁମିନିୟମ ଅଛି । ଏ ମୃତ୍ତିକା ଅଳ୍ପଦିନର । ପ୍ରାୟ ୩୬୦ କୋଟି ବର୍ଷର । ଅନ୍ୟ ପ୍ରକାର ପଥର ବେଶୀ ଦିନର । ଏହାର ରଙ୍ଗ ଫିକା । ଏଥିରେ ଅଧିକ ଆଲୁମିନିୟମ୍ ଓ କମ୍ ଲୁହା ଅଛି । ଏହାର ବୟସ ଅନୁମାନ ୪୪୦ କୋଟି ବର୍ଷ । ଚନ୍ଦ୍ରରେ ଧୂଳି ଅଛି । କିନ୍ତୁ ସେ ଧୂଳିରେ ମଣିଷ ପୋତି ହୋଇ ପଡ଼ିବ ନାହିଁ ।

ଚନ୍ଦ୍ରର ମୃତ୍ତିକାକୁ ପୃଥିବୀର ଶହ ଶହ ବୈଜ୍ଞାନିକ ପରୀକ୍ଷା କରିଛନ୍ତି । କିପରି ଚନ୍ଦ୍ର ଜନ୍ମ ହେଲା ତାହାର ଆଭାସ ମିଳିଲାଣି । ପ୍ରକୃତରେ ଚନ୍ଦ୍ର ପୃଥିବୀରୁ ଛିଟିକି ଯାଇ ନାହିଁ ।

Digitized by srujan ka@gmail.com

ଚନ୍ଦ୍ରର ଜନ୍ମ

ଚନ୍ଦ୍ର ପୃଥିବୀର ଝିଅ ନୁହେଁ କି ସାନଭାଇ ନୁହେଁ । ତାକୁ ବଡ଼ଭାଇ କୁହାଯାଇପାରେ । ପୃଥିବୀ ଆଗରୁ ସେ ଜନ୍ମ ହୋଇଥିଲା । ତାକୁ ପୃଥିବୀ ଆକର୍ଷଣ କରି ତା ଚାରିପଟେ ଘୂରାଉଛି । ପୃଥିବୀ ମୃତ୍ତିକାଠାରୁ ଚନ୍ଦ୍ର ମୃତ୍ତିକାର ବୟସ ଅଧିକ । ପୃଥିବୀକୁ ମା' ମନେକଲେ ଚନ୍ଦ୍ର ଏବେ ବି ଆମର ମାମୁ । ସମ୍ପର୍କ ଠିକ୍ ଅଛି । କିନ୍ତୁ ଚନ୍ଦ୍ର କିପରି ଜନ୍ମ ହେଲା ସେ ଧାରଣା ବଦଳି ଗଲାଣି । ମଣିଷ ବିପଦ ଆପଦରୁ ନିଜକୁ ବଞ୍ଚେଇବା ପାଇଁ ଚନ୍ଦ୍ରକୁ ବି ଯାଇପାରେ । ସେଠାରେ ସବୁଦିନେ କିପରି ରହିହେବ ତା'ର ବି ବ୍ୟବସ୍ଥା କରିପାରେ ।

ସାର୍‌ଙ୍କ କଥା ସବୁ ନ ସରୁଣୁ ସୋମୁ ପାଟିକରି ଉଠିଲା – ଶୁଣିଲୁ ଆଈମା, ତୋ ଧାରଣା ଭୁଲ୍ ଓ ମୋ ଧାରଣା ଠିକ୍ । ଦିନେ ଆମେ ଜହ୍ନମାମୁଙ୍କୁ ଯିବୁ ।

ବୁଢ଼ୀ କହିଲା – ହଉରେ ଟୋକା, ତୁ ଜହ୍ନମାମୁଙ୍କୁ ଯାଉଥା । ମୋତେ ସେସବୁ ଶୁଣିବାକୁ ସୁଖ ଲାଗୁ ନାହିଁ । ଏ ବୟସରେ ଧାରଣା ବଦଳେଇ ଆଉ ଲାଭ କ'ଣ ? ଏକଥା ସବୁ କେମିତି ଅଡୁଆ ତଡୁଆ ଲାଗୁଛି । ମୋ ମୁଣ୍ଡରେ ପଶୁ ନାହିଁ । ମୋର ବା ଆଉ କେଇ ଦିନ ? ତୁଚ୍ଛାଟାରେ କାହିଁକି ମୁଁ ମୁଣ୍ଡ ବିଗାଡ଼ିବି ?

ସୋମୁ କହିଲା – ହେଲେ ବି ତୁ ସତକଥା ଶୁଣିବୁନି ? ଚନ୍ଦ୍ରଲୋକକୁ ମଣିଷ ଯିବା କ'ଣ ମିଛ ? ଏ ନୂଆଯୁଗରେ ଆହୁରି କେତେ ନୂଆ କଥା ଶୁଣିବୁ । ଏଥିରେ ବିଜ୍ଞାନ ଆମକୁ ସାହାଯ୍ୟ କରିବ ।

––– ୦ –––

Digitized by srujan ka@gmail.com